SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଅକ୍ଟୋବର-୨୦୨୨ OCTOBER-2022

## ଶ୍ରୀମନ୍ଦିରରେ ହରି ଉତ୍ଥାପନ ନୀତି ଏବଂ ଲକ୍ଷ୍ମୀନାରାୟଣ ବେଶ

ଯଦ୍ୟପି ଭଗବାନ ସଦା ଜାଗ୍ରତ ତାଙ୍କର ଶୟନ ନାହିଁ, ତଥାପି ଭକ୍ତଙ୍କ ଭାବନା 'ଯଥା ଦେହେ ତଥା ଦେବେ' ଅନୁସାରେ ସେ ଚାରି ମାସ ଶୟନ କରନ୍ତି । ଭଗବାନ ବିଷ୍ଣୁଙ୍କ କ୍ଷୀରଶୟନ ବିଷୟରେ ବର୍ଣ୍ଣିତ ଅଛି ଯେ ଭଗବାନ ଆଷାଢ଼ ମାସର ଶୁକ୍ଳ ଏକାଦଶୀରେ ମହାପରାକ୍ରମୀ ଶଙ୍ଖାସୁର ନାମକ ରାକ୍ଷସକୁ ବଧ କରିଥିଲେ ଏବଂ ତା'ପରେ ନିଜର କ୍ଳାନ୍ତି ଦୂର କରିବା ପାଇଁ କ୍ଷୀରସାଗରରେ ଯାଇ ଚାରିମାସ ଶୟନ କଲେ ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଉତ୍ଥାପନ କଲେ । ଅତଏବ ଏହି ଏକାଦଶୀକୁ ଦେବୋତ୍ଥାପନୀ ବା ପ୍ରବୋଧିନୀ ଏକାଦଶୀ ନାମରେ ଅଭିହିତ କରାଯାଏ । ଶ୍ରୀମନ୍ଦିରରେ ଏହି ଦିନ ହରି ଉତ୍ଥାପନ ନୀତି ଅନୁଷ୍ଠିତ ହୁଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏହି ଯାତ୍ରା ପୁଣ୍ୟ ଦ୍ୱାଦଶଯାତ୍ରା ମଧ୍ୟରେ ଅନ୍ୟତମ ଅଟେ । କାଳସାର ଗ୍ରନ୍ଥ ଅନୁସାରେ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀରେ ଶୟନ, ଭାଦ୍ର ଶୁକ୍ଳ ଏକାଦଶୀରେ ପାର୍ଶ୍ୱପରିବର୍ତ୍ତନ ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଉତ୍ଥାପନ କରନ୍ତି ।



'ଶେତେ ବିଷ୍ଣୁଃ ସଦାଷାଢ଼େ ଭାଦ୍ରେ ଚ଼ ପରିବର୍ତ୍ତତେ ।
କାର୍ତ୍ତିକେ ପ୍ରତିବୁଦ୍ଧ୍ୟେତ ଶୁକ୍ଳପକ୍ଷେ ହରେର୍ଦ୍ଦିନେ ॥'

ଭବିଷ୍ୟୋତ୍ତରରେ ଉଲ୍ଲେଖ ଅଛି-

'ତତୋ ବିବୁଧ୍ୟତେ ଦେବଃ ଶ୍ରୀମାନ୍ ଚ଼କ୍ରଗଦାଧରଃ ।
କାର୍ତ୍ତିକେ ଶୁକ୍ଳପକ୍ଷସ୍ୟ ଏକାଦଶ୍ୟାଞ୍ଚ ବୈ ସୁତଃ ॥'

ଉକ୍ତ ତିଥିରେ ଘଣ୍ଟ ଶଙ୍ଖ ମୃଦଙ୍ଗାଦି ବାଦ୍ୟର ମାଙ୍ଗଳିକ ଧ୍ୱନି ସହ ପ୍ରାର୍ଥନା କରଣୀୟ-

'ଉତ୍ତିଷ୍ଠୋତ୍ତିଷ୍ଠ ଗୋବିନ୍ଦ ତ୍ୟଜ ନିଦ୍ରାଂ ଜଗତ୍‌ପତେ ।
ତ୍ୱୟି ସୁପ୍ତେ ଜଗନ୍ନାଥ ଜଗତ୍ ସୁପ୍ତଂ ଭବେଦିଦମ୍ ।
ଉତ୍ତିଷ୍ଠୋତ୍ତିଷ୍ଠେ ବାରାହ ଦଂଷ୍ଟ୍ରୋଦ୍ଧୃତ ବସୁନ୍ଧରେ ।
ହିରଣ୍ୟାକ୍ଷପ୍ରାଣଘାତିନ୍ ତ୍ରୈଲୋକ୍ୟେ ମଙ୍ଗଳଂ କୁରୁ ॥

ଶ୍ରୀମନ୍ଦିରରେ ସକାଳଧୂପ ଓ ବାଲଧୂପ ପରେ ତିନିବାଡ଼ରେ ବନ୍ଦାପନା ପୂର୍ବକ ଏକାଦଶୀ ନୀତି ସହ ବଡ଼ସିଂହାର ଭୋଗ ହୋଇଥାଏ ଏବଂ ଶୟନ ଏକାଦଶୀ ବିଧିରେ ମହାସ୍ନାନ ପୂଜା କରାଯାଏ । ସଂପୃକ୍ତ ସେବକ ଖଟଶେଯ ଘର ଉପରକୁ ଯାଇ ଶୟନ ପେଡ଼ିସ୍ଥିତ ଠାକୁରମାନଙ୍କୁ ଶୟନ ତ୍ୟାଗ ନିମିତ୍ତ ପ୍ରାର୍ଥନା କରନ୍ତି । କର୍ପୂର ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ ପରେ ତିନୋଟି ରୂପା ଥାଳିରେ ତିନି ଶୟନ ପ୍ରତିମାଙ୍କୁ ସିଂହାସନ ଉପରକୁ ନିଆଯାଇ ତିନିବାଡ଼ରେ ସର୍ବାଙ୍ଗ ନୀତି ହୋଇଥାଏ । ଶ୍ରୀବିଗ୍ରହମାନଙ୍କୁ ନୂତନ ବସ୍ତ୍ର ଓ ମାଳଫୁଲ ସହ ଛଅମୂର୍ତ୍ତି ଅଳଙ୍କାରରେ ମଣ୍ଡିତ କରାଯାଏ । ରୋଷରୁ ଭୋଗ ଆସି ଷୋଡ଼ଶ ଉପଚାରରେ ପୂଜା ହୁଏ । ଭୋଗ ପରେ ଆଳତି ବନ୍ଦାପନା ହୋଇ ଶୟନ ପ୍ରତିମା ଭଣ୍ଡାର ଘରକୁ ବିଜେ କରିଥାନ୍ତି । ଏହାପରେ ଅନ୍ୟାନ୍ୟ ନୀତିଗୁଡ଼ିକ ପରେ ପହୁଡ଼ ହୋଇଥାଏ ।

କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ଶେଷ ହେବା ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଆଦି ନୀତି ହୋଇଥାଏ । ବିବିଧ ସ୍ୱର୍ଣ୍ଣାଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ଆଦିରେ ଶ୍ରୀବିଗ୍ରହମାନଙ୍କର ଅପୂର୍ବ ବେଶ ବିନ୍ୟାସ ହୋଇଥାଏ । ଶ୍ରୀବିଗ୍ରହମାନଙ୍କର ଚୂଳରେ ସୁବର୍ଣ୍ଣ କିଆମାନ ଖଞ୍ଜା ଯାଇଥାଏ । ଏହି ବେଶ ଶ୍ରୀ ସମ୍ପ୍ରଦାୟ ବୈଷ୍ଣବମାନଙ୍କର ଅତୀବ ପ୍ରିୟ ଅଟେ । ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀବିଗ୍ରହମାନେ ଶ୍ରୀଭୁଜରେ ଶଙ୍ଖଚ଼କ୍ର, ହଳମୂଷଳ ଏବଂ କେତେକ ବିଶିଷ୍ଟ ସ୍ୱର୍ଣ୍ଣାଳଙ୍କାର ଧାରଣ କରିଥାନ୍ତି । ଭୋଗମଣ୍ଡପ ଶେଷ ହେବା ପରେ ଲକ୍ଷ୍ମୀନାରାୟଣ ବେଶ ମଇଲମ ହୋଇ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥାଏ ।

*ସମ୍ପାଦକ- ଶ୍ରୀନୀଳାଚ଼ଳ ତତ୍ତ୍ୱ ସନ୍ଧାନ ପରିଷଦ*
*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*


# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ରାଧାଦାମୋଦର ବେଶ ଏବଂ ବାଲଧୂପ ଆରମ୍ଭ :

ତା ୬.୧୦.୨୨ରିଖ ଗୁରୁବାର ଆଶ୍ୱିନ ଶୁକ୍ଳ ଏକାଦଶୀ ଅବସରରେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ 'ରାଧା ଦାମୋଦର ବେଶ' ଅନୁଷ୍ଠିତ ହୋଇଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ହୋଇଥିଲା । ସକାଳଧୂପ ପ୍ରସାଦ ବାହାରିଲା ପରେ ପାଣିପଡି ବାଲଧୂପ ଛେକ ଆସିଥିଲା । ପାଳିଆ ପୂଜାପଣ୍ଡାମାନେ ପଞ୍ଚୋପଚାରରେ 'ବାଲଧୂପ ପୂଜା' କରିଥିଲେ । ଭୋଗ ସରିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ

ତା ୯.୧୦.୨୨ରିଖ ରବିବାର ଆଶ୍ୱିନ ପୂର୍ଣ୍ଣମୀ ଅବସରରେ ପୂର୍ବ ପରମ୍ପରା ପ୍ରକାରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ ପରେ



ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଚଉଦୋଳକୁ ବିଜେ ହୋଇଥିଲେ । ସେଠାରେ ପାଟପତନୀ ଲାଗି, ମାଳଚୂଳ ଲାଗି ପରେ ଚଉଦୋଳରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡଦାଣ୍ଡ ବାଟେ ରାଜାନଅର ଓ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଦେଇ ତିନି ଆଶ୍ରମ ପରିକ୍ରମା କରି ପଶ୍ଚିମ ଦ୍ୱାର ନିକଟରେ ବିଜେ ହୋଇଥିଲେ । ସେଠାରେ ବନ୍ଦାପନା ହୋଇ ଭିତର ଜଗମୋହନକୁ ଆସିଲାପରେ ରୁନ୍ଧା ଫିଟା ଯାଇ ସିଂହାସନକୁ ବିଜେ କରାଯାଇଥିଲା । ପରେ ପାଣିପଡି ୪ ବାଡ ମହାସ୍ନାନ ମୈଲମ ବଢ଼ିଲା ପରେ ସର୍ବାଙ୍ଗ, ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ଛେକ ଆସିଲାପରେ ୪ଜଣ ପୂଜାପଣ୍ଡା ୪ବାଡରେ ସଂଧ୍ୟାଧୂପ ପୂଜା ବସିଥିଲେ । ଭୋଗ ସରିଲାପରେ ମଦନମୋହନ ଆସି ଲକ୍ଷ୍ମୀଙ୍କ ସହିତ ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ଯିବାରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭିତରଛ ଏବଂ ମହାପ୍ରଭୁଙ୍କର ପ୍ରତିନିଧି ମୁଦିରସ୍ତ ଉଭୟଙ୍କ ମଧ୍ୟରେ ହିଙ୍ଗୁଳ କଉଡି ୨୧, ରୂପା କଉଡି ୨୧ ପଶା, ଶକଟା ଖେଳମାନ ଖେଳିଥିଲେ । ପରେ ବାହୁଡି ମଦନମୋହନ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ ସିଂହାସନକୁ ଯିବାରେ ମୈଲମ, ଚନ୍ଦନ ଲାଗି, ନୂଆପତନୀ ଲାଗି ସହ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ହୋଇଥିଲା । ପାଣିପଡି ଭୋଗ ଆସିବା ପରେ ଫଳ ସାମଗ୍ରୀ ପନ୍ତୀ ହେବାରେ ପୂଜାପଣ୍ଡା, ମଣୋହି କରିଥିଲେ । ପରେ ୩ଜଣ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜୁଆ, ଶକଟା ସିଂହାସନ ତଳେ ଓ ଉପରେ ଖେଳିଥିଲେ । ଏଠାରେ ମହାପ୍ରଭୁ ହାରିବାରେ ମାଧବ ମହାଜନଙ୍କ ହାତରେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠାରେ ୭ଦିନ ପାଇଁ ବନ୍ଧା ରହିଥିଲେ ।

## ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି :

ତା ୧୭.୧୦.୨୨ରିଖ ସୋମବାର ଗର୍ଭଣା ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ସଂପାଦନ ହୋଇଛି । ଏହି ଦିନ ଯଥାରୀତି ପ୍ରକାରେ ସକାଳ ଧୂପ, ଭୋଗମଣ୍ଡପ ସରିଲା ପରେ ତିନି ବାଡରେ ମୈଲମ ହୋଇ, ପୂଜା ଠା' ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ଘଟୁଆରୀ ଘରୁ ରୂପା ପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତି ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରନ୍ ସିଂହାସନକୁ ଚନ୍ଦନ ବିଜେ ହୋଇ ତିନି ବାଡରେ ସର୍ବାଙ୍ଗ ନୀତି ହୋଇଥିଲା । ଏହାପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ପାଣିପଡ଼ି ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ମଧ୍ୟାହ୍ନ ଧୂପ ଉଠିଲା ପରେ ମହାପ୍ରଭୁଙ୍କ ବାଡରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା । ଟେରା ପଡିବା ପରେ ମହାପ୍ରଭୁଙ୍କ ବାଡର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଭିତରେ ଅଲଗା ଭାବେ ରଖିଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ ଗୋଟି ସ୍ଥାନରେ ବାଢ଼ିଥିଲେ । ଏହାକୁ ପୂଜାପଣ୍ଡା ମଣୋହୀ କରାଇଥିଲେ । ଏହାକୁ 'ବଳି' କୁହାଯାଏ । ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ । ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡିଥିଲା ଏବଂ ଗର୍ଭଣା ସଂକ୍ରାନ୍ତି ସଂପୃକ୍ତ ବିଶେଷ ନୀତିର ଆଉ ଏକ ଅଙ୍ଗ ଯଥା 'ବନ୍ଦାପନା' ନୀତି ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ସମାପନ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ରମା ଏକାଦଶୀ :

ତା ୨୧.୧୦.୨୨ରିଖ ଶୁକ୍ରବାର କାର୍ତ୍ତିକ କୃଷ୍ଣ ଏକାଦଶୀ ତିଥିରେ ସନ୍ଧ୍ୟା ଆଳତି ପରେ ରମା ଏକାଦଶୀ ନୀତି ପାଳିତ ହୋଇଥିଲା । ଏହି ନୀତି ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା । ଏହି ନୀତି ପାଇଁ ସକାଳେ ଘଟୁଆରି ରୂପା ପିଙ୍ଗଣରେ ଚନ୍ଦନ, କର୍ପୂର ଓ କସ୍ତୁରୀ ଯୋଗାଇଥିଲେ । ରାଜା ସୁପରିଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଆବଶ୍ୟକ ଘିଅ, ଚନ୍ଦ୍ର ଉଦିଆ ୧୨, କର୍ପୂର ଓ ବଳିତା ଆଳତି, ପୂଜା ଆଳତି ଦାନୀ, ରତ୍ନଭଣ୍ଡାରରୁ ଗଦିଫେଟା, ଘସା ବିଡ଼ିଆ ଓ ଦହିପଟି ଯୋଗାଇଥିଲା । ବିମାନ ଘରୁ ବିମାନ ଆସି, ଭଣ୍ଡାର ଘରୁ ରୂପା କଳସ ଆସେ । ଅଖଣ୍ଡ ମେକାପ ବଇଠା ଯୋଗାଇଥାନ୍ତି, ପାଳିଆ ଖୁଣ୍ଟିଆ ଶୁକ୍ଳ ଫୁଲ ଯୋଗାନ୍ତି । ଏହି ନୀତି କାର୍ଯ୍ୟ ୨୨ ଜଣ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଯଥା- ଘଟୁଆରି, ପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ପାଳିଆ ପଶୁପାଳକ, ବିମାନବଡୁ, ପାଳିଆ ପଢ଼ିଆରୀ, ଖଟଶେଯ ମେକାପ, ଆସ୍ଥାନ ପଢ଼ିଆରୀ, ସୁଦୁସୁଆର, ଚୂନରା, ପର୍ବଯାତ୍ରା ଯୋଗାଣିଆ, ଛତାର, ଘଣ୍ଟୁଆ, କାହାଳୀଆ, ଦୁହୁଡ଼ିଆ, ଭିତରଛ ମହାପାତ୍ର, ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ପୂଜାପଣ୍ଡା, ଅଖଣ୍ଡ ମେକାପ । ଏକାଦଶୀରେ ମଧ୍ୟାହ୍ନ ଧୂପ ସରି ମୈଲମ ପରେ ଶାଢ଼ୀ, ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହେବା ପରେ ଠାକୁରମାନଙ୍କର ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ଘଟୁଆରି ଘରୁ ରୂପା ପିଙ୍ଗଣରେ ଯୋଗାଇଥିବା ଚନ୍ଦନ, କର୍ପୂର, କସ୍ତୁରୀ, ଚୁଆ ଇତ୍ୟାଦି ଭଣ୍ଡାର ଦ୍ୱାରରେ ରହିଥାଏ । ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଏହା ନିଅନ୍ତି । ସେମାନେ ସିଂହାସନରେ ଥିବା ତିନି ଜଣ ପାଳିଆ ପଶୁପାଳକ ଠାକୁରଙ୍କୁ ଚନ୍ଦନ ଲାଗି କରିଥିଲେ । ସର୍ବାଙ୍ଗ ପୂର୍ବରୁ ଦକ୍ଷିଣି ଘରୁ ମହାଜନେ ମଦନମୋହନକୁ ଭିତରେ ବିଜେ କରାଇଥିଲେ । ଆଜ୍ଞାମାଳ ପାଇଲାପରେ ମହାଜନେ ମଦନମୋହନଙ୍କୁ ନେଇ ଝୁଲଣ ମଣ୍ଡପ ତଳେ ବିମାନବଡୁ ରଖିଥିବା ପାଲିଙ୍କିରେ ବିଜେ ହୋଇ ଛତାର, ଘଣ୍ଟୁଆ ଓ କାହାଳିଆ ସମେତ ଶ୍ରୀମନ୍ଦିର ବେଢ଼ା ବୁଲି ପାଲିଙ୍କି ମଙ୍ଗଳାଙ୍କ ଆଗରେ ରହିଥାଏ । ଏହାପରେ ମହାଜନେ ଠାକୁରଙ୍କୁ ଜୟବିଜୟ ଦ୍ୱାରକୁ ନେଲା ପରେ ପାଳିଆ ପଢ଼ିଆରୀ ଏହି ଦ୍ୱାର ବନ୍ଦ କରିଥିଲେ ଏବଂ ଖଟଶେଯ ମେକାପ ଆସନ ପକାଇ ଠାକୁରଙ୍କୁ ସେଠାରେ ବିଜେ କରାଇଥାନ୍ତି । ପୂଜାପଣ୍ଡା ଆସି କୋରା ଭୋଗ କଲାପରେ ଆଳତି, ବନ୍ଦାପନା ଓ ଭୋଗ, ନକ୍ଷେତ୍ର ବନ୍ଦାପନା ନୀତି ଅନୁସାରେ ହୋଇଥିଲା । ପଢ଼ିଆରୀ ଦୁଆର ଖୋଲିବା ପରେ ଠାକୁର ଦକ୍ଷିଣି ଘରକୁ ବିଜେ କରିଥିଲେ ।

ଏହାପରେ ସନ୍ଧ୍ୟା ଧୂପ ପରେ ମହାଦୀପ ଆଳତି ପାଇଁ ଗରୁଡ଼ ସେବକ ଚୂନରା ୩ଟା ରୂପା କଳସରେ ଘିଅ ଓ ପ୍ରତ୍ୟେକରେ କଦଳୀ ବାସୁଙ୍ଗାରେ ନୂଆକନାକୁ ନୂଆକନା ଗୁଳା ବଳିତା ଭଳି କରିଥାଏ । କଳସରେ ବାସୁଙ୍ଗା ବୁଡ଼ିଥାଏ । ମାତ୍ର ବଳିତା କାଠି ଉପରକୁ ଥାଏ । ଚୂନରା ତାହା ଧରି ରତ୍ନସିଂହାସନ ପାଖକୁ ଯାଇ ପତ୍ରି ହାତରେ ଦେଇଥାନ୍ତି । ପତ୍ରି ବଳିତା ଲଗାଇ ତିନି ବାଡ଼ରେ ତିନି ପଣ୍ଡାଙ୍କୁ ଦେଇଥିଲେ । ସେମାନେ ସଂସ୍କାର ପୂର୍ବକ ମହାଦୀପ ଆଳତି କରିଥାନ୍ତି ଓ ସିଂହାସନ ଚାରିପଟେ ବେଢ଼ା ବୁଲି ଜୟ ବିଜୟ ଦ୍ୱାରବାଟେ ଆସି ଗଣେଶଙ୍କ ରାସ୍ତା ଦେଇ ମହାଦୀପ କଳସରେ ଧରି ବିମଳାଙ୍କ ପର୍ଯ୍ୟନ୍ତ ଯାଇଥିଲେ । ବିମଳା ମନ୍ଦିର ସାମ୍ନାରେ ଚୁନରାଙ୍କୁ ୩ଟି କଳସ, ନୀଳଚକ୍ର ପାଇଁ ତୁଳସୀ, ଚନ୍ଦନ ଦେଇ ପଣ୍ଡାମାନେ ଚାଲିଯାନ୍ତି । ଏ ସମୟରେ ଘଟୁଆରି ଚୁନରାଙ୍କୁ ୧୨ଟା ଚନ୍ଦ୍ର ଉଦିଆ ଦେଇଥିଲେ । କଳସ ରଖି ଦେଇ ମହାଦୀପ, ଚନ୍ଦ୍ର ଉଦିଆ ଧରି ୩ ଜଣ ଚୁନରା ମନ୍ଦିର ଉପରକୁ ଉଠିବା ସହିତ ସଙ୍ଗରେ ନଡ଼ିଆ କତା ଲଗାଇ ନିଆଁ ଲଗାଇଥିଲେ । ଦଧି ନଉତି ତଳେ ଠିଆ ହୋଇ ତୁଳସୀ, ଚନ୍ଦନ ନୀଳଚକ୍ରଙ୍କୁ ଲାଗି କରି ଚାରିପଟେ ୩ ଘେରା ବୁଲି ଚନ୍ଦ୍ର ଉଦିଆ ପ୍ରତ୍ୟେକ ଦିଗରେ ୩ଟି ଲେଖାଁଏ ଜାଳନ୍ତି । ବୁଲିବା ସମୟରେ 'ମା ପ୍ରଭୁ ପୁରୀ ରାଜାଙ୍କୁ (ନାମଧରି) ଶଙ୍ଖେ ପୁରାଇ ଚନ୍ଦ୍ର ଆଡୁଆଳେ କରନ୍ତୁ' ବୋଲି ଓ ହରିବୋଲ ଡାକ ଦିଅନ୍ତି । ଏହି ମତେ ଏକାଦଶୀ ନୀତି ସମ୍ପର୍ଣ୍ଣ ହୋଇଥିଲା ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୨) ରାମ ଓ କୃଷ୍ଣ

ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ପୂର୍ବ ମାସାନ୍ତ ଦିବସରେ ମହାପ୍ରଭୁଙ୍କର ନବାଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ନବାଙ୍କ ଯାତ୍ରାର ଅଧିବାସ ମାସାନ୍ତର ପୂର୍ବଦିନ ହୋଇଥାଏ । ଏହିଦିନ ଦ୍ୱିପ୍ରହର ଧୂପ ବଢ଼ିବା ଉତ୍ତାରେ ମହାଜନମାନଙ୍କ ହାତରେ ରାମ ଓ କୃଷ୍ଣ ଭିତର ସିଂହାସନକୁ ବିଜେ କରିବା ପରେ ପୂଜାପଣ୍ଡା ବଡ଼ବାଡ଼ରୁ ରାମଙ୍କୁ ଓ ମହାପ୍ରଭୁଙ୍କ ବାଡ଼ରୁ କୃଷ୍ଣଙ୍କୁ ଆଜ୍ଞାମାଳ ଦିଅନ୍ତି । ଆଜ୍ଞାମାଳ ପାଇବା ପରେ ମହାଜନେ ହାତରେ ଠାକୁରମାନଙ୍କୁ ନେଇ ପାଲିଙ୍କିରେ ବିଜେ କରାନ୍ତି । ଏହାପରେ 'ଦୁଧ ମେଲାଣ ଯାତ୍ରା' ଅନୁଷ୍ଠିତ ହୁଏ । ପାଲିଙ୍କିକୁ ଘଣ୍ଟ ଛତା କାହାଳୀସହ ବଡ଼ ଦାଣ୍ଡରେ ଛୋଟରାୟପୁର ବାଲିବେଦୀ ନିକଟକୁ ନିଆଯାଏ । ଗୋପାଳମାନେ ବାଘମୁହାଁ ବାନ୍ଧି ଏଠାରେ ଦୁଧଭାର ପେଁଠ କରିଥାନ୍ତି । ଘଣ୍ଟ ଛତା କାହାଳୀ ସହିତ ପଟୁଆରରେ ଭାରମାନ ଜଗନ୍ନାଥବଲ୍ଲଭ ମଠ ଗୋଷ୍ଠଠାକୁ ନିଆଯାଏ । ଗୋଧନ ଓ ମଣୋହି ପରେ ରାମ ଓ କୃଷ୍ଣଙ୍କ ସହ ଦୁଧଭାରମାନ ଅଣାଯାଇ ନାଟମନ୍ଦିର ଆଗରେ ଦୁଧ ପେଁଠ ନିମନ୍ତେ ତପ୍ତ କରାଯାଏ । ନନ୍ଦମନ୍ଦିର (ମହାଲକ୍ଷ୍ମୀଙ୍କ ଦେଉଳ) ଖଟ ଉପରେ ରାମ ଓ କୃଷ୍ଣ ବିଜେ କରନ୍ତି । ସେଠାରେ ପ୍ରସାଦଲାଗି ଓ ବନ୍ଦାପନା ବଢ଼ିଲେ ରାମ ଓ କୃଷ୍ଣ ବାହୁଡ଼ା ବିଜେ କରି ଦକ୍ଷିଣି ଘରକୁ ଯାଇଥାନ୍ତି ।



ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଲୀଳା ପାରମ୍ପରିକ ବିଧି ଅନୁଯାୟୀ ପାଳିତ ହୋଇଥାଏ । ଏହି ଦିନ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀମଦନମୋହନ ସାତପାହାଚ ତଳେ ରଖାଯାଇଥିବା ରଥରେ ବିରାଜମାନ କରି ବିମଳାଙ୍କ ମନ୍ଦିର ନିକଟକୁ ଯାଇଥାନ୍ତି । ଏହାପରେ ମହାଲକ୍ଷ୍ମୀଙ୍କ ମନ୍ଦିରରୁ ଶ୍ରୀଦେବୀ, ବସନଭୂଷଣରେ ବିମଣ୍ଡିତା ହୋଇ ମା' ବିମଳାଙ୍କ ମନ୍ଦିରକୁ ଯାଆନ୍ତି । ଏଠାରେ ମା' ବିମଳାଙ୍କ ପୂଜା ଶେଷ ହେବାପରେ ଶ୍ରୀଦେବୀ ସେହି ମନ୍ଦିରରୁ ବାହାରକୁ ଆସିବା ସମୟରେ ଶ୍ରୀମଦନମୋହନ ତାଙ୍କୁ ହରଣ କରିଥାନ୍ତି । ଏହି ବିଧିଟି ଭିତରଛ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଏହାପରେ ଦେବୀ ସରସ୍ୱତୀଙ୍କ ଦେଉଳ ଆଗରେ ଶିଶୁପାଳ ସହ ଯୁଦ୍ଧ ହୁଏ । ଠାକୁର ଶିଶୁପାଳକୁ ପରାସ୍ତ କରି ରଥରେ ବାନ୍ଧି ଦିଅନ୍ତି । ଏହାପରେ ଦକ୍ଷିଣ ଘରୁ ରାମ ବା ବଳରାମ ବିମାନରେ ବିଜେ ହୋଇ ଆସି ଶିଶୁପାଳକୁ ବନ୍ଧନରୁ ମୁକ୍ତ କରାଇ ପୁନଶ୍ଚ ଦକ୍ଷିଣି ଘରକୁ ବାହୁଡ଼ିଯାଆନ୍ତି । ଶ୍ରୀଦେବୀ ଓ ମଦନମୋହନ ବାଟରେ ପନ୍ତିଭୋଗମାନ ମଣୋହି କରି ବିବାହ ନିମନ୍ତେ ବିବାହ ମଣ୍ଡପରେ ବିଜେ ହୁଅନ୍ତି । ଭିତରେ ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ବିବାହ ମଣ୍ଡପରେ ଠାକୁର ଠାକୁରାଣୀଙ୍କ ବିବାହ ନୀତି ଅନୁଷ୍ଠିତ ହୋଇଥାଏ ।

ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ, ଭଗବାନ ଶ୍ରୀକୃଷ୍ଣଙ୍କର ପବିତ୍ର ଜନ୍ମ ମହୋତ୍ସବ । ଏହି ଦିନ ସନ୍ଧ୍ୟାଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ରହେ । ଭଣ୍ଡାର ଘର ଦ୍ୱାରଠାରେ ପାଣି ପଡ଼ି ପୋଛା ମରାଯାଏ । ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତୋ ଭଦ୍ର ମଣ୍ଡଳ ପକାନ୍ତି । ସେଠାରେ କଳସ ବସି ବରୁଣ ପୂଜା ହୁଏ । ଦକ୍ଷିଣି ଘରୁ ବିବସ୍ତ୍ର ମଦନମୋହନ ଆସି ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇବା ପରେ ଜନ୍ମ ଚକଡ଼ାରେ ବସନ୍ତି । ଏଠାରେ ଦେବକୀଙ୍କ ଗର୍ଭରେ ଥିବା ଶ୍ରୀକୃଷ୍ଣ ରୂପରେ ମଦନମୋହନଙ୍କୁ କଳ୍ପନା କରଯାଇ ତାଙ୍କ ନିକଟରେ ଷୋଡ଼ଶ ଉପଚାର ବିଧିରେ ଶୀତଳ ଭୋଗ ମଣୋହି କରାଯାଏ । ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ି ହୋଇ ଦେବକୀ ଓ ବସୁଦେବ ରୂପରେ ଜନ୍ମ ଚକଡ଼ାଠାରେ ରହି ଜନ୍ମବିଧି ସମ୍ପାଦନ କରନ୍ତି । ଏହାପରେ ରୂପା ଥାଳିରେ ମଦନମୋହନ ବିଜେ ହୋଇ ଛାମୁ ଦିହୁଡ଼ି ନଥାଇ ବିନା ଘଣ୍ଟ ବାଦ୍ୟରେ ମହାଜନଙ୍କ ହାତରେ ସରସ୍ୱତୀଙ୍କ ମନ୍ଦିର ଆଗକୁ ଯାଆନ୍ତି । ଏହି ସ୍ଥାନକୁ ଯମୁନା ନଦୀ ଭାବରେ ବିବେଚନା କରାଯାଏ । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ବଢ଼ିବା ଉତ୍ତାରେ ଘଣ୍ଟ ଛତା କାହାଳୀ ସହିତ ଠାକୁର ନାଭିକଟା ମଣ୍ଡପକୁ ଯାଇ ସେଠାରେ ପଡ଼ିଥିବା ଖଟ ଶେଯ ଉପରେ ବିଜେ କରନ୍ତି । ଏହି ସମୟରେ ଦକ୍ଷିଣି ଘରୁ ରାମ ଓ କୃଷ୍ଣ ଆସି ଶେଯରେ ବିଜେ କଲାପରେ ଏଠାରେ ନାଡ଼ୀ ଛେଦନ ଠାରୁ ଯଜ୍ଞୋପବୀତ ପର୍ଯ୍ୟନ୍ତ ସମସ୍ତ କର୍ମ ସମ୍ପନ୍ନ ହୁଏ । ଏହାପରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ବଢ଼ି ବନ୍ଦାପନା ସରିଲେ ଠାକୁରମାନେ ହାତରେ ବିଜେ ହୋଇ ଯାଇ ଜଗମୋହନରେ ପୂର୍ବରୁ ପ୍ରସ୍ତୁତ ଥିବା ଦୋଳିରେ ବିଜେ କରନ୍ତି । ଏଠାରେ ପାଣିପଡ଼ି ଟେଣା ବନ୍ଧାଗଲେ ଶୀତଳଭୋଗ (ରାଶିକୋରା ଓ ଲଡ୍ଡୁ) ଷୋଡ଼ଶ ଉପଚାରରେ ପୂଜାହୁଏ । ତା'ପରେ ଠାକୁରମାନଙ୍କୁ ବନ୍ଦାପନା କରାଯାଏ । ଭିତରେ ପାଣି ପଡ଼ି ବଡ଼ସିଂହାର ଭୋଗ ଛେକ ଆସିଲେ ଦୋଳିରେ ଥିବା ରାମ, କୃଷ୍ଣ ଦୁଇମୂର୍ତ୍ତି ଭିତର ରତ୍ନସିଂହାସନକୁ ବିଜେ କରନ୍ତି । ମଦନମୋହନ ଦକ୍ଷିଣ ଘରକୁ ଯା'ନ୍ତି । ଏହାପରେ ଶ୍ରୀଜୀଉଙ୍କର ବଡ଼ସିଂହାର ଭୋଗ ଓ ପହୁଡ଼ ଆଦି ନୀତି ଅନୁଷ୍ଠିତ ହୋଇଥାଏ ।

(କ୍ରମଶଃ...)

ଡକ୍ଟର ନରେଶ ଚନ୍ଦ୍ର ଦାଶ
● ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ




ତା ୩୦.୯.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ଚିକିତ୍ସା ଶିବିର ।

# ମନ୍ଦିରର ଶିଳ୍ପକଳା

*ପୂର୍ବ ପ୍ରକାଶିତ ଉତ୍ତାରୁ ....* **ବଡ଼ ଦେଉଳ :**

ବଡ଼ ଦେଉଳକୁ ଶିଳ୍ପଶାସ୍ତ୍ରରେ ବିମାନ କିମ୍ବା ରେଖ ଦେଉଳ କୁହାଯାଏ । ଏହାର ଭିତର ପଟକୁ ଗର୍ଭଗୃହ କିମ୍ବା ସ୍ଥାନୀୟ ଭାଷାରେ ଭିତର ପୋଖରିଆ କୁହାଯାଏ । ଭିତର ପାଖରେ କୌଣସି ଶିଳ୍ପକଳା ନଥିଲେ ମଧ୍ୟ ଏହାର ବାହାର ପାଖଟି ଅତି ସୁନ୍ଦର ଭାବେ ଖୋଦିତ ହୋଇଥାଏ । ପୁରୀ ବଡ଼ ଦେଉଳର ଉଚ୍ଚତା ଦାଣ୍ଡଠାରୁ ୨୧୪ ଫୁଟ ଆଠ ଇଞ୍ଚ ଥିବାର ଇଞ୍ଜିନିୟର ମନୋମୋହନ ଗାଙ୍ଗୁଲି ପ୍ରକାଶ କରିଛନ୍ତି । ଶିଳ୍ପଶାସ୍ତ୍ର ଅନୁଯାୟୀ ଏହାକୁ ଫାଠ, ବାଡ଼, ଗଣ୍ଡି ଓ ମସ୍ତକ - ଏହିପରି ଚାରିଭାଗରେ ବିଭକ୍ତ କରାଯାଇଥାଏ । ବଡ଼ଦେଉଳ ଚାରିପଟେ ଥିବା ଅଗଣା ଦ୍ୱାରା ଏହାର ପୀଠର ଅଧାଭାଗ ପୋତି ହୋଇଛି । ବିଭିନ୍ନ ପ୍ରକାର ଦେବ ଦେବୀଙ୍କ ମୂର୍ତ୍ତି ସହିତ ଏଥିରେ ଅନେକ ପ୍ରକାରର ଠଣା, ତୋରଣ, ଲତା, ଡାଳି, ଫୁଲ, ଫଳ, ପକ୍ଷୀ, ପଶୁ ଓ ମନୁଷ୍ୟଙ୍କ ମୂର୍ତ୍ତି ମଧ୍ୟ ରହିଛି । ବାଡ଼ ଭାଗଟି ପାଞ୍ଚଭାଗରେ ବିଭକ୍ତ, ତେଣୁ ଏହାକୁ ପଞ୍ଚାଙ୍ଗବାଡ଼ କୁହାଯାଏ । ଏହି ପାଞ୍ଚଟି ଅଙ୍ଗ ହେଉଛି- ପାଭାଗ, ତଳଜଙ୍ଘା, ବାନ୍ଧନା, ଉପରଜଙ୍ଘା ଓ ବରଣ୍ଡ । କିନ୍ତୁ ବାଡ଼ର ମଝିଅଂଶ ବା ରାହାପାଗରେ ଏ ସବୁ ଅଙ୍ଗକୁ ବ୍ୟାପି ତିନିଦିଗରେ ତିନି ପାର୍ଶ୍ୱ ଦେବତାଙ୍କ ବୃହତ୍ ମୂର୍ତ୍ତି ରହିଛି । ଅବଶିଷ୍ଟ ଅନୁରାହା ଓ କୋଣକପାଗରେ ତଳଜଙ୍ଘା ଓ ଉପରଜଙ୍ଘାରେ ଯଥାକ୍ରମେ କ୍ଷୁଦ୍ର ଆକୃତିର ଖାଖରା ଶୈଳୀର ଓ ପୀଢ଼ ଶୈଳୀର ମନ୍ଦିର ଅଛି । ସେଗୁଡ଼ିକୁ ମୁଣ୍ଡି କୁହାଯାଏ । ଏହି ସବୁ ମୁଣ୍ଡିଗୁଡ଼ିକରେ ରହିଥିବା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ମଧ୍ୟରେ ଅଷ୍ଟ ଦିଗପାଳ ମୂର୍ତ୍ତି, ବିଷ୍ଣୁଙ୍କର ଦଶାବତାର ମୂର୍ତ୍ତି, ବିଷ୍ଣୁ-କୃଷ୍ଣଙ୍କ ବିଭିନ୍ନ ସ୍ୱରୂପର ମୂର୍ତ୍ତି ପ୍ରଧାନ । ଗୁରୁ ଶିଷ୍ୟମାନଙ୍କୁ ପାଠ ପଢ଼ାଇବା, ରାଜା ଦରବାରରେ ବସି ବିଚାର କରିବା, ପ୍ରଭୃତି ମୂର୍ତ୍ତି ମଧ୍ୟ ଏଠାରେ ରହିଛି । ତାହା ଛଡ଼ା ଦେଉଳର ବିଭିନ୍ନ ସ୍ଥାନରେ ବିଭିନ୍ନ ଅଳଙ୍କାର ପିନ୍ଧି ଆକର୍ଷଣୀୟ ଭଙ୍ଗୀରେ ଠିଆ ହୋଇଥିବା ବହୁତ କନ୍ୟାମୂର୍ତ୍ତି ମଧ୍ୟ ଅଛି । ଜଗମୋହନ ସନ୍ଧିରେ ବିଭିନ୍ନ ସ୍ଥାନରେ କେତେକ ମିଥୁନ ମୂର୍ତ୍ତି ମଧ୍ୟ ରହିଛି । ଏହି ଯୌନ ମୂର୍ତ୍ତିଗୁଡ଼ିକ ଏଠାରେ ରହିବାର କାରଣ ସଂପର୍କରେ ପଣ୍ଡିତମାନେ ଭିନ୍ନ ଭିନ୍ନ ମତ ଦେଇଛନ୍ତି ।



ବାଡ଼ ଭାଗରେ ପଟା ଓ ବସନ୍ତ ବୋଲି କୁହାଯାଉଥିବା ଅଂଶରେ ରାଜା ସୈନ୍ୟମାନଙ୍କ ସହ ଯୁଦ୍ଧଯାତ୍ରା କରିବା କିମ୍ବା ଶିକାର ଯାତ୍ରା କରିବା ପ୍ରଭୃତି ମଧ୍ୟ ରହିଛି । ସବୁଠାରୁ ଆକର୍ଷଣୀୟ ହେଉଛି ପଟାଭାଗରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ଧାରାବାହିକ ଦୃଶ୍ୟ । ତଳଜଙ୍ଘାର ପାଗସନ୍ଧିମାନଙ୍କରେ ବିରାଳ ନାମକ ଏକପ୍ରକାର ବିଚିତ୍ର ସିଂହମୂର୍ତ୍ତି ଓ ଉପର ଜଙ୍ଘାର ସନ୍ଧିମାନଙ୍କରେ ବିଭିନ୍ନ ଭଙ୍ଗୀରେ ଠିଆ ହୋଇଥିବା ଅଳସ କନ୍ୟା ମୂର୍ତ୍ତି ମଧ୍ୟ ଅତି ଚିତ୍ତାକର୍ଷକ । ବାଡ଼ର ଅନ୍ୟାନ୍ୟ ସ୍ଥାନରେ ମନ୍ଦିରର ଅଙ୍ଗକୁ ଭିନ୍ନ ଭିନ୍ନ ଆକୃତିରେ ସଜାହୋଇଛି । ତାହା ମଧ୍ୟରେ 'ବସନ୍ତ' ନାମକ ସର୍ବୋଚ୍ଚ ଅଙ୍ଗରେ ଥିବା ବଜ୍ରମସ୍ତକ ଆକୃତି ବିଶେଷ ଉଲ୍ଲେଖଯୋଗ୍ୟ । ମନ୍ଦିରର ଗଣ୍ଡିଭାଗର ସବା ତଳ ଅଂଶରେ ଚାରିଦିଗରେ ଚାରିଗୋଟି ବୃହତ୍ ଆକାରର ବଜ୍ର ମସ୍ତକ ସହଜରେ ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରେ । ତାହାର ଉପରକୁ ପ୍ରତି ଦିଗରେ ଥିବା ଗଜକ୍ରାନ୍ତା ନାମକ ଏକପ୍ରକାରର ସିଂହମୂର୍ତ୍ତି ମନ୍ଦିର ଗଣ୍ଡିରୁ ଆଗକୁ ବାହାରି ଆସି ରହିଛନ୍ତି । ଗଣ୍ଡିଭାଗର ମଝି ରାହା ପାଗରେ କେତେକ ପଦକ ଚିତ୍ରଥିବା ସ୍ଥଳେ ଦୁଇପାଖର ଅନୁରାହା ପାଗରେ ଉପରତଳ ହୋଇ କେତେକ କ୍ଷୁଦ୍ର ମନ୍ଦିର ଅଛି । ତାହାକୁ ଶିଳ୍ପଶାସ୍ତ୍ରରେ ଅଙ୍ଗଶିଖର କୁହାଯାଏ । ଦୁଇକୋଣର କୋଣକ ପାଗରେ ଭୂମି ଅଁଳା ଅଛି ଓ ଫଳରେ ମନ୍ଦିରର ଗଣ୍ଡିଟି ଦଶଟି ଭୂମିରେ ବିଭକ୍ତ ହେବା ସ୍ପଷ୍ଟ ହୋଇଯାଇଛି । ପୂର୍ବପାଖ ରାହାପାଗରେ ଜଗମୋହନ ସନ୍ଧିରେ ଗୋଟିଏ ବୃହଦାକାର ଅଙ୍ଗଶିଖର ଅଛି । ଗଣ୍ଡିର ଉପରକୁ ବେକିର ଚାରିଦିଗରେ ଗରୁଡ଼ମୂର୍ତ୍ତି ଓ ଚାରି କୋଣରେ ଦୋପିଚ୍ଛ ସିଂହମୂର୍ତ୍ତି ରହି ତା ଉପରର ବୃହତ୍ ଆମଳକ ଶିଳାକୁ ବହନ କରିଛନ୍ତି । ଆମଳକ ବା ଅଁଳା ବେଢ଼ା ଉପରେ ଖପୁରୀ (ଯେଉଁଥିରେ ରାମାନୁଜୀ ତିଳକ ଅଙ୍କିତ ହୋଇଅଛି) ତାହା ଉପରେ କଳସ (ସ୍ଥାନୀୟ ଭାଷାରେ ଦଧିନଉତି) ଓ ତାହା ଉପରେ ଆୟୁଧ (ନୀଳଚକ୍ର) ରହିଛି ।

(କ୍ରମଶଃ...)

*(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଚର୍ଚ୍ଚା'ଙ୍କ ଭୂମିକା କ'ଣ ?

ଉ - ଶ୍ରୀମନ୍ଦିର ଭିତରେ ଅନ୍ୟାନ୍ୟ ସେବକମାନଙ୍କୁ କାର୍ଯ୍ୟ ସମୟରେ ଡକାହକା କରି କାର୍ଯ୍ୟରେ ନିଯୁକ୍ତ କରାଉଥିବା ସେବକ ।

୨. ପ୍ର - ଶ୍ରୀମନ୍ଦିରରେ 'ଚ଼ର୍ଚ୍ଚା ଅମିନ'ଙ୍କ ଗୁରୁତ୍ୱ କ'ଣ?

ଉ - ଶ୍ରୀମନ୍ଦିରରେ ଠାକୁରଙ୍କ ସମସ୍ତ ନୀତିକାନ୍ତିର ତତ୍ତ୍ୱ ନେଉଥିବା ସେବକ ।

୩. ପ୍ର - ଶ୍ରୀମନ୍ଦିରରେ 'ଚ଼ର୍ଚ୍ଚା ପାଇକ'ଙ୍କ ଭୂମିକା କ'ଣ ?

ଉ - ଗୋପାଳବଲ୍ଲଭ ଭୋଗ ପାଇଁ ଭୋଗ ଡାକିଯିବା ସେବକ । ଏହି ସବେକ ସକାଳ ଧୂପରେ ପାଳିଆ ପୂଜାପଣ୍ଡା ଓ ଭୋଗମଣ୍ଡପ ପ୍ରତିହାରୀଙ୍କୁ ଯଥା ସମୟରେ ନୀତିକାନ୍ତିରେ ନିୟୋଜିତ କରନ୍ତି ।

୪. ପ୍ର - ଶ୍ରୀମନ୍ଦିରରେ 'ଚର୍ଚ୍ଚାଇତକରଣ ସେବକ' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ - ଏ ସେବକ ନିତ୍ୟ ଶ୍ରୀମନ୍ଦିର ଦ୍ୱାର ଫିଟା ପୂର୍ବରୁ ପହୁଡ଼ ଯାଏ ଉପସ୍ଥିତ ରହି ସେବକମାନଙ୍କୁ ଡକାଡକି କରି ନିୟମିତ ରୂପେ ନୀତି ଚାଲୁ କରନ୍ତି । ସେବକମାନେ ଶାଢ଼ୀ ବନ୍ଧାଇବା ବେଳେ ଚାଙ୍ଗଡ଼ା ମେକାପଠାରୁ ଶାଢ଼ୀ ନେଇ ପାଟଯୋଷୀ ବା ଭିତରଚ୍ଛ ମହାପାତ୍ରଙ୍କୁ ଦିଅନ୍ତି । ଲେଙ୍କା, ପ୍ରଧାନ, ପାଇକ ଏହାଙ୍କ ନିର୍ଦ୍ଦେଶରେ କାମ କରନ୍ତି । ପହିଲିଭୋଗ ମାସରେ ୩୫୦ ବଢ଼ି କଣ୍ଟେଇ ସେବକମାନଙ୍କୁ ବାଣ୍ଟନ୍ତି । ସେବକ ହାଜର ନଥିଲେ ଡକାଇ ହାଜର କରାଇବା ଏହାଙ୍କ ପ୍ରଧାନ କାମ ।

୫. ପ୍ର - ଶ୍ରୀମନ୍ଦିରରେ 'ଚ଼ଣ୍ଡ ମାଠପୁଳି' କହିଲେ କ'ଣ ବୁଝାଏ ?

ଉ - ମାଠପୁଳି ଓ ଭୋଗରୁ ପୂଜାପଣ୍ଡା ପାଇବା ନିମନ୍ତେ ଥିବା ଚ଼ଣ୍ଡ ।

୬. ପ୍ର - ଶ୍ରୀମନ୍ଦିରରେ ପୂଜିତ 'ଚ଼ତୁର୍ମାସ୍ୟା ଠାକୁର' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ - ଶୟନ ଠାକୁର । ଶୟନ ଏକାଦଶୀ ଠାରୁ ଉତ୍ଥାନ ଏକାଦଶୀ ପର୍ଯ୍ୟନ୍ତ ଏହି ଠାକୁର ଶୟନ କରୁଥିବାରୁ ଏହାଙ୍କୁ ଚତୁର୍ମାସ୍ୟା ଠାକୁର କୁହାଯାଏ ।

୭. ପ୍ର - ଶ୍ରୀମନ୍ଦିରରେ 'ଚ଼ନ୍ଦନ ଅର୍ଗଳି' କେଉଁଠି ଅବସ୍ଥିତ ?

ଉ - ରତ୍ନସିଂହାସନ ପଛପଟ ଗଳିକୁ ଚ଼ନ୍ଦନ ଅର୍ଗଳି କୁହାଯାଏ । ଭିତର ପୋଖରିଆରୁ ଜଗନ୍ନାଥଙ୍କ ରତ୍ନସିଂହାସନ ପଛରେ ଥିବା ରାସ୍ତା ।

୮. ପ୍ର - ଶ୍ରୀମନ୍ଦିରରେ ଦେବଦେବୀଙ୍କ ବ୍ୟବହୃତ 'ଚ଼ନ୍ଦନଗୁଡ଼ା'ର ଗୁରୁତ୍ୱ କ'ଣ ?

ଉ - ଶ୍ରୀମନ୍ଦିରରେ ପାଳିତ ଚ଼ନ୍ଦନଯାତ୍ରା ସମୟରେ ରାତ୍ର ଚ଼ନ୍ଦନ ବେଳେ ଦଶହାତ ଲମ୍ୱ ଓ ତିନି ହାତ ଓସାର ବିଶିଷ୍ଟ ସୂତା ବସ୍ତ୍ର ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*

## ପରିଶିଷ୍ଟ - 'ଗ'

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### (୪) ପୁରୀ ଜିଲ୍ଲାପାଳ ଏଚ୍.ସେଭେଜ, ଏସ୍କ୍ୱୋୟାର 'ଓ' ଫ୍ଲାଗଙ୍କ ଠାରୁ ଓଡ଼ିଶା ଡିଭିଜନ୍ କମିନଶନରଙ୍କୁ ପତ୍ର ।

ନଂ-୬୮୫ ପୁରୀ, ଜୁଲାଇ ୧୦,୧୮୮୬

ଆପଣଙ୍କର ୮ ତାରିଖର ଚିଠି ନଂ ୨୬୨ ଏଲ.ଏଫ୍.ରେ ମୋତେ ଜୁନ୍ ୧୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ପୁରୀ ସହରରେ ହଇଜାରେ ଆକ୍ରାନ୍ତ ହୋଇ ମରିଥିବା ଲୋକମାନଙ୍କର ଏକ ତାଲିକା ଉପସ୍ଥାପନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

୨-୧ ତାରିଖ ଦିନ ଠାରୁ ହଇଜା ବହୁଳ ପରିମାଣରେ ଦେଖା ଦେଇଥିଲା ଏବଂ ଅନେକ ଲୋକ (ପ୍ରାୟ ସମସ୍ତେ ସହର ବାହାରର ଲୋକ) ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।

୩- ଅନୁସନ୍ଧାନରୁ ମୁଁ ଜାଣିପାରିଲି ପୁରୀ ଠାରୁ ପ୍ରାୟ ୬ ମାଇଲ ଦୂରବର୍ତ୍ତୀ 'ତୁଳସୀ ଚୌରା' ନାମକ ଗ୍ରାମର ଲୋକମାନେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏ ଖବର ପାଇବା ସଙ୍ଗେ ସଙ୍ଗେ ମୁଁ ସେଠାରେ ଚିକିତ୍ସା ଉଦ୍ଦେଶ୍ୟରେ ଶିବିର ସ୍ଥାପନ କରିଥିଲି ଏବଂ ଅଳ୍ପଦିନ ମଧ୍ୟରେ ଏ ରୋଗର ପ୍ରକୋପ ପ୍ରଶମିତ ହୋଇଥିଲା ।

ଦୁଇ ତିନି ଦିନ ପାଇଁ ଏହି ରୋଗ ମହାମାରୀ ରୂପ ଧାରଣ କରିଥିଲା । କିନ୍ତୁ ବର୍ତ୍ତମାନ ସେ ରୋଗର ଭୟଙ୍କର ରୂପ ଆଉ ନାହିଁ ବୋଲି ମୋର ମନେ ହେଉଛି ।



ରଥଯାତ୍ରା ଅତି ଶୃଙ୍ଖଳାର ସହିତ ପାଳନ ହୋଇଛି । ନବଯୌବନ ଦର୍ଶନ ଦିନ (ଯେଉଁ ଦିନ ମନ୍ଦିରରେ ବହୁଲୋକଙ୍କ ଭୀଡ଼ ହୁଏ) ଯେହେତୁ କୌଣସି ଇଉରୋପୀୟ ମନ୍ଦିର ଭିତରକୁ ପଶିପାରିବେ ନାହିଁ, ସେଥି ନିମନ୍ତେ ବାବୁ ପ୍ରଭାତ ଚନ୍ଦ୍ର ଚାଟାର୍ଜୀ ସମସ୍ତ ପ୍ରକାର ଆୟୋଜନର ଦାୟିତ୍ୱରେ ଥିଲେ । ତାଙ୍କର ସୁପରିକଳ୍ପିତ ଯୋଜନାନୁଯାୟୀ ପୋଲିସ ମୁତୟନ ହୋଇଥିଲେ ଏବଂ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା । ଯେହେତୁ ଏହି ବ୍ୟବସ୍ଥା ଦ୍ୱାରା କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ, ତେଣୁ ପ୍ରତ୍ୟେକ ବର୍ଷ ଏହି ବ୍ୟବସ୍ଥା ପ୍ରଚଳନ କରାଯାଇପାରେ ।

ରଥଯାତ୍ରା ଦିନ ପୋଲିସ ବ୍ୟବସ୍ଥା, ଜିଲ୍ଲା ସୁପରିଣ୍ଟେଣ୍ଡେଣ୍ଟ ମି: ଗାଇସ୍‌ଙ୍କ ଦ୍ୱାରା କରାଯାଇଥିଲା । ରଥ ଚାରିପଟେ ପୋଲିସ ଘେର କରି ରହିଥିଲେ ଯେପରିକି ରଥ ଚାଲିବା ବେଳେ ରଥର ଦଶ ଗଜ ଭିତରେ କୌଣସି ଲୋକ ଯାଇପାରିବେ ନାହିଁ । ଏହା ଦ୍ୱାରା ଏ ପର୍ଯ୍ୟନ୍ତ କୌଣସି ଦୁର୍ଘଟଣା ଘଟି ନାହିଁ । (କ୍ରମଶଃ....)

(ଅନୁବାଦିତ)

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ଐତିହ୍ୟ ପୃଷ୍ଠାରୁ ...*

## ଶ୍ରୀଶିବଙ୍କ ମନ୍ଦିରରେ ମହାଦୀପ :- ହରି-ହର ବୋଲି ବୋଲହେ ମହାପ୍ରଭୁ...

ଶ୍ରୀକ୍ଷେତ୍ରରେ ପ୍ରତି ଏକାଦଶୀ ତିଥିରେ ବଡ଼ଦେଉଳ ଉପରକୁ ମହାଦୀପ ଉଠେ । ମହାବାହୁଙ୍କ ଚୂନରା ସେବକ ମହାଦୀପ ଧରି ନୀଳଚକ୍ର ପରିକ୍ରମା କରନ୍ତି । ଜଗତମଙ୍ଗଳ କାମନା କରାଯାଏ ଜଗତପତିଙ୍କ ବଡ଼ଦେଉଳ ଉପରେ । ଗୌରବମୟ ଶବ୍ଦଯୁକ୍ତ ହୋଇ ଗଜପତିଙ୍କର ମଙ୍ଗଳକାମନା ବି କରାହୁଏ ।



ଦାରୁ ଦିଅଁଙ୍କୁ 'ହରିବୋଲି ବୋଲ ହେ...' ଡାକ ପଡ଼େ, ମହାଦୀପ ଉଠିବାବେଳେ । ଦାରୁ ଓ ହରି ଶବ୍ଦ ଭାବ ଦୃଷ୍ଟିରୁ ଏକ, ତାର ଇଏ ଏକ ଉଦାହରଣ । ଯିଏ ଦୁଃଖଦାରଣ କରନ୍ତି ସେ ଦାରୁ, ଯିଏ ଦୁଃଖ ହରଣ କରନ୍ତି ସେ ହରି । ସେଥିପାଇଁ ହରିବୋଲି ବୋଲ ହେ ବୋଲି ଏକାଧିକ ଡାକ ପଡ଼େ ।

ହରିଙ୍କ ମନ୍ଦିରପରି ହର (ଶିବ)ଙ୍କ ମନ୍ଦିରରେ ମଧ୍ୟ ଶ୍ରୀକ୍ଷେତ୍ରରେ ଏହି ପରମ୍ପରା ଅଛି । ଫରକ ହେଉଛି ହରିଙ୍କର ଏକାଦଶୀ ତିଥି, ହରଙ୍କର ଚତୁର୍ଦ୍ଦଶୀ ତିଥି । ଚତୁର୍ଦ୍ଦଶୀରେ ଶ୍ରୀଲୋକନାଥଙ୍କ ମନ୍ଦିର ଉପରକୁ ମହାଦୀପ ଉଠେ ।

ଶ୍ରୀଲୋକନାଥଙ୍କ 'ପର୍ବଯାତ୍ରା ଯୋଗାଣିଆ' ସେବକ ମହାଦୀପ ଧରି ମନ୍ଦିର ଉପରକୁ ଯାଇ ଦଧିନଉତି ଚାରିପଟେ ତିନି ଘେରା ପରିକ୍ରମା କରିବା ପରେ ଡାକ ଦିଅନ୍ତି-

ହରିହର ବୋଲି ବୋଲ ହେ ମହାପ୍ରଭୁ' ବୀରାଧି ବୀରବର ବୀର ଶ୍ରୀଗଜପତିଙ୍କୁ ଶଙ୍ଖେ ପୂରାଇ ଚକ୍ର ଆଡୁଆଳରେ ରଖିବାକୁ ଆଜ୍ଞା ହେଉ ମହାପ୍ରଭୁ.... । ଏହିପରି ଦୁଇଥର ଡକାଯାଏ ଦୁଇଥର ପରିକ୍ରମା କଲା ସମୟରେ । ତୃତୀୟଘେରାରେ ଡାକ ପଡ଼େ- ହରି ହର ବୋଲି ବୋଲ ହେ ମହାପ୍ରଭୁ ! ସଂସାରର ମଙ୍ଗଳ କର । ସେବକ ସଂସ୍ଥାପନ ରକ୍ଷା କର ! ଦେବତା, ବ୍ରାହ୍ମଣ ସୃଷ୍ଟି ରକ୍ଷାକର ହେ ମହାପ୍ରଭୁ.... ଭକ୍ତଙ୍କ ମଙ୍ଗଳକର.... ।

ଫରକରୁ ଜଣାଯାଉଛି- ହର ବୋଲି ବୋଲ ହେ... ଡାକ ନ ପଡ଼ି ହରିହର ବୋଲି ବୋଲ ହେ... ଡାକ ପଡୁଛି । ଦିହିଁଙ୍କୁ ଏକାଠି ଡ଼ାକିବା ପରମ୍ପରା ହରିହର ଉପାସନାର ସମୀକରଣ ବାର୍ତ୍ତା ଦିଏ । ସହାବସ୍ଥାନର ବାର୍ତ୍ତା ଦିଏ । ୟାର ରୂପାୟନ ଉଦାହରଣ ଶ୍ରୀମନ୍ଦିରରେ ପ୍ରଚଳିତ । ତାହା ହେଉଛି 'ହରିହର ବେଶ' । ଏଇ ବେଶର ଅବିକଳ ପଥର ବିଗ୍ରହ କାହିଁ କେତେକାଳୁ ଶ୍ରୀଯମେଶ୍ୱରଙ୍କ ମନ୍ଦିରରେ ମଧ୍ୟ ପୂଜା ପାଉଛନ୍ତି ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*

# ପଞ୍ଚୁକରେ ହେଉଥିବା ଶ୍ରୀବିଗ୍ରହଙ୍କ ସ୍ୱତନ୍ତ୍ର ବେଶ...



ତା ୪.୧୧.୨୨ରେ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ



ତା ୫.୧୧.୨୨ରେ ବାଙ୍କଚୂଡ଼୍ ବା ବାମନ ବେଶ



ତା ୬.୧୧.୨୨ରେ ଡାଳିକିଆ ବା ତିବିକ୍ରମ ବେଶ



ତା ୭.୧୧.୨୨ରେ ଲକ୍ଷ୍ମୀନୃସିଂହ ବେଶ



ତା ୮.୧୧.୨୨ରେ ରାଜାଧିରାଜ ବେଶ

# ଫଟୋରେ ଖବର ...



ତା ୨୭.୯.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ




ତା ୫.୧୦.୨୨ରେ ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ଦଶହରା ନୀତି ସମ୍ପନ୍ନ ପାଇଁ ବିମାନରେ ଦୁର୍ଗାମାଧବ, ରାମକୃଷ୍ଣ ଓ ମଦନମୋହନ ବିଜେ କରୁଛନ୍ତି ।







ତା ୩୦.୯.୨୨ରେ ବିଶ୍ୱ ହୃଦ୍ ଦିବସ ଅବସରରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଏବଂ ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ଚିକିତ୍ସା ଶିବିର ଏବଂ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ଚିକିତ୍ସା ଶିବିର



ତା ୨୦.୧୦.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ସମ୍ପର୍କିତ' ବୈଠକ



ତା ୨୫.୧୦.୨୨ରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

# ଶ୍ରୀକ୍ଷେତ୍ରରେ ଚକ୍ରନାରାୟଣ ପୂଜା

ବଡ଼ଦେଉଳର ଶୀର୍ଷ ଦେଶରେ ଶୋଭା ପାଉଛନ୍ତି ନୀଳଚକ୍ର । ପୂଜାପଣ୍ଡାମାନେ ନୀଳଚକ୍ର ଉଦ୍ଦେଶ୍ୟରେ ଅର୍ପଣ କରୁଥିବା ଭୋଗ ନୈବେଦ୍ୟକୁ କୁହାଯାଏ ସର୍ପା ଭୋଗ । ଗମ୍ଭୀରା ଭିତରେ ପୂଜାବେଳେ ବଡ଼ବାଡ଼ ସାଆନ୍ତ ବଡ଼ଠାକୁର ଶ୍ରୀବଳଭଦ୍ର, ମଝିବାଡ଼ ସାଆନ୍ତାଣୀ ମା' ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଥିବା ନିଜେ ମହାପ୍ରଭୁ ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ଭୋଗ ଲାଗି ହୋଇଥାଏ । ଏହାଛଡ଼ା ମହୋଦଧିର ପୂର୍ବତଟରେ ଶ୍ରୀଚକ୍ରନାରାୟଣ ପୂଜା ପାଇଥାନ୍ତି । ଏହି ସ୍ଥାନଟି ଏକ ପବିତ୍ର ପୀଠ । ଭକ୍ତ ଜନସାଧାରଣ କହିଥାନ୍ତି ଚକ୍ରତୀର୍ଥ । ଚକ୍ରତୀର୍ଥ ସଂପର୍କରେ ପୌରାଣିକ ଉପାଖ୍ୟାନଟିଏ ଲୋକମୁଖରେ ପ୍ରଚଳିତ ଅଛି । ଦ୍ୱାପର ଯୁଗର କଥା । ଭଗବାନ ଶ୍ରୀକୃଷ୍ଣ ମର୍ତ୍ତ୍ୟମଣ୍ଡଳର ଲୀଳାଖେଳା ସାରି ଆପଣା ଧାମକୁ ଫେରିଯିବା ପାଇଁ ଇଚ୍ଛା କଲେ । ଯଦୁବଂଶ ସେତେବେଳକୁ ପ୍ରବଳ ପ୍ରତାପୀ ହୋଇଯାଇଥିଲେ । ଶ୍ରୀକୃଷ୍ଣଙ୍କ ମାୟାବଳରେ ଦ୍ୱାରକାରେ ଅଶୁଭ ସଂକେତ ସୃଷ୍ଟି ହେଲା । ସେଥିରୁ ରକ୍ଷା ପାଇବା ପାଇଁ ସମସ୍ତେ ପ୍ରଭାସ ତୀର୍ଥକୁ ଚାଲିଯିବା ପାଇଁ ପ୍ରଭୁ ପରାମର୍ଶ ଦେଲେ । ସେଠାରେ ପହଞ୍ଚି ଯଦୁବଂଶର ଯୁବକମାନେ ମଦମତ୍ତ ହୋଇ ଏରକା ବନରେ ନିଜ ନିଜ ମଧ୍ୟରେ ଯୁଦ୍ଧ ଆରମ୍ଭ କରିଦେଲେ । ଇତ୍ୟବସରରେ ଶ୍ରୀବଳରାମ ଧ୍ୟାନରେ ବସି ଆପଣାଧାମକୁ ଫେରିଗଲେ । ଅନ୍ୟମାନେ ପରସ୍ପରକୁ ଶତ୍ରୁ ମନେକରି ହଣାକଟା ଆରମ୍ଭ କରିଦେଲେ । ଭଗବାନ ଶ୍ରୀକୃଷ୍ଣ ଦେଖିଲେ ଆପଣା ଧାମକୁ ଫେରିଯିବାର ଉପଯୁକ୍ତ ସମୟ ଆସିଗଲା । ଏଣେ ଦେଖିଲେ ଏକମାତ୍ର ପ୍ରଦ୍ୟୁମ୍ନଙ୍କୁ ଛାଡ଼ି ସମସ୍ତେ ମୃତ୍ୟୁ ମୁଖରେ ପଡ଼ିଛନ୍ତି । ହସ୍ତରେ ଥିବା ସୁଦର୍ଶନ ଚକ୍ରଙ୍କୁ ନିର୍ଦ୍ଦେଶ ଦେଲେ ପ୍ରଦ୍ୟୁମ୍ନଙ୍କ ଶିର ଛେଦନ କରିବା ପାଇଁ । ଏଭଳି ନିଷ୍ଠୁର ଆଦେଶ ଶୁଣି ଚକ୍ରରାଜ ବ୍ୟଥିତ ହୋଇପଡ଼ିଲେ । ମହାପ୍ରଭୁ ଏତେ ନିଷ୍ଠୁର ହେଉଛନ୍ତି କିପରି ? ଆପଣାର ପ୍ରିୟ ଅଲିଅଳ ପୁତ୍ରକୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ! ପ୍ରଭୁଙ୍କ ଆଜ୍ଞାକୁ ଅବଜ୍ଞା କରିହେବ ନାହିଁ । ଶ୍ରୀସୁଦର୍ଶନ ମହାପ୍ରଭୁଙ୍କ ଶ୍ରୀଭୁଜରୁ ଯାଇ ପ୍ରଦ୍ୟୁମ୍ନଙ୍କ ଶିରଛେଦନ କଲେ । ଆଉ ତାଙ୍କ ଶ୍ରୀଭୁଜକୁ ଫେରିଲେ ନାହିଁ । କ୍ଷିପ୍ର ଗତିରେ ଚାଲିଲେ ପଶ୍ଚିମ ଆରବ ସାଗର କୂଳରୁ ପୂର୍ବଦିଗରେ ଥିବା ମହୋଦଧି ଅଭିମୁଖେ । ମହୋଦଧିର ପୂର୍ବ ଉପକୂଳରେ ଥକ୍‌କା ହୋଇ ରହିଗଲେ । ସେତେବେଳେ ତାଙ୍କ ମନ ମଧ୍ୟରେ ମହାପ୍ରଭୁ ଏଇଭାବନା ଭରିଦେଲେ ଯେ କଳିଯୁଗରେ ଏଠାରେ ଶ୍ରୀନୀଳାଚଳ କ୍ଷେତ୍ରରେ ଭକ୍ତ ଭଗବାନଙ୍କର ଅପୂର୍ବ ମାନୁଷୀ ଲୀଳା ଅନୁଷ୍ଠିତ ହେବ । ସେଥିରେ ଚକ୍ରରାଜ ସୁଦର୍ଶନ ପ୍ରମୁଖ ଲୀଳା ପ୍ରଦର୍ଶନ କରିବେ । ମହାପ୍ରଭୁଙ୍କ ରଥଯାତ୍ରା ବେଳେ ପ୍ରଥମେ ଶୂନ୍ୟ ପହଣ୍ଡିରେ ଖୁବ୍ ଦ୍ରୁତଗତିରେ ବଡ଼ଦେଉଳରୁ ବାହାରି ଆସି ଚକ୍ରରାଜ ସୁଦର୍ଶନ ଆପଣାର ପାରଦର୍ଶିତା ପ୍ରଦର୍ଶନ କରିଥାନ୍ତି । ବର୍ଷସାରା ମହାପ୍ରଭୁଙ୍କ ଆଦେଶରେ ତୀର୍ଥ ପରିକ୍ରମା କରନ୍ତି । ସଦାସର୍ବଦା ଚକ୍ରତୀର୍ଥରେ ଅବସ୍ଥାନ କରି ପୂଜା ପାଇଥାନ୍ତି ।



*● ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ନଭେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୨.୧୧.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଅଁଳା ନବମୀ |
| ତା ୩.୧୧.୨୨ ରିଖ ଗୁରୁବାର | ଶ୍ରୀବିଗ୍ରହଙ୍କ ରାଧାଦାମୋଦର ବେଶ ସମାପ୍ତି ଓ ସୁଦଶାବ୍ରତ |
| ତା ୪.୧୧.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ହରିଉତ୍‌ଥାପନ ଓ ଲକ୍ଷ୍ମୀନାରାୟଣ ବେଶ |
| ତା ୫.୧୧.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଳ ବେଶ, ଗରୁଡ଼ ଉତ୍ଥାପନ |
| ତା ୬.୧୧.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଡାଳିକିଆ ବା ତ୍ରିବିକ୍ରମ ବେଶ |
| ତା ୭.୧୧.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଲକ୍ଷ୍ମୀନୃସିଂହ ବେଶ |
| ତା ୮.୧୧.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ |
| ତା ୧୬.୧୧.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ |
| ତା ୨୦.୧୧.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ |
| ତା ୨୨.୧୧.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ |
| ତା ୨୩.୧୧.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ମଧ୍ୟ ଦେବ ଦୀପାବଳୀ ଓ ଅମାବାସ୍ୟା |
| ତା ୨୪.୧୧.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳୀ |
| ତା ୨୯.୧୧.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପ୍ରାବରଣ ବା ଓଢ଼ଣ ଷଷ୍ଠୀ |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର